ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୧ ଜୁନ୍, ୨୦୨୨



## ଯୁବକଙ୍କ ମୃତଦେହ ଜବତ

ପାତ୍ରପୁର: (ଡି.ଏନ.ଏ.)- ଜରଡ଼ା ଥାନା ପାତ୍ରପୁର ବସଷ୍ଟାଣ୍ଡ ନିକଟରେ ଥିବା ଏକ ବିଲରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ଜଣକ ଜରଡା ଥାନା ସୁରଙ୍ଗୀ ଗ୍ରାମର କୁରେଶ ପାତ୍ର (୨୫)। ପ୍ରାଥମିକ ତଦନ୍ତରୁ ମାତ୍ରାଧିକ ମଦ୍ୟପାନରୁ ମୃତ୍ୟୁ ହୋଇଥିବା ବେଳେ ରବିବାରରୁ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରିଛି। ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ନଂ. ୧୨/୨୨ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ଥିବା ଜରଡା ଥାନାଧିକାରୀ ଭବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସ୍କୁଟିକୁ ଧକ୍କା ଦେଲା ଟ୍ରକ୍, ଜଣେ ମୃତ

ଗୋପାଳପୁର,୩୧।୫(ଡି.ଏନ୍.ଏ.)- ଗୋଲନ୍ଥର ଥାନା ଅନ୍ତର୍ଗତ ହଳଦିଆପଦର ଛକ ନିକଟରେ ସୋମବାର ରାତିରେ ଏକ ଟ୍ରକ ସହ ସ୍କୁଟି ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳର କୈଳାସ ମହାରଣା (୬୦)। ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରର କୈଳାସ ମହାରଣା ଗୋଲନ୍ଥରା ଥାନା ଅଧୀନ ଅଟୋ ନଗରରେ ଏକ ଗ୍ୟାସ ଦୋକାନ କରି ପରିବାର ଚଳାଉଥିଲେ। ସୋମବାର ରାତି ପ୍ରାୟ ୧୦.୩୦ମି. ସମୟରେ କୈଳାସ ଦୋକାନ ବନ୍ଦ କରି ନିଜ ସ୍କୁଟିରେ ବ୍ରହ୍ମପୁର ଆସୁଥିବା ବେଳେ ହଳଦିଆପଦରଠାରେ ନିର୍ମାଣ ଚାଲିଥିବା ଓଭରବ୍ରିଜ ନିକଟରେ ପଛପଟୁ ଟ୍ରକ୍ ଆସି କୈଳାସଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। କୈଳାସ ଟ୍ରକ ଚକ ତଳେ ପଡି ଗୁରୁତର ହୋଇ ପଡିଥିଲେ। ଫଳରେ ବ୍ରହ୍ମପୁର-ଇଚ୍ଛାପୁର ରାସ୍ତା ଟ୍ରାଫିକ ଜାମ୍ ହୋଇଯାଇଥିଲା। ଆମ୍ବୁଲାନ୍ସ ନ ଆସିବା ଫଳରେ ସ୍ଥାନୀୟ ଓ ପରିବାର ଲୋକ ଗୁରୁତରଙ୍କୁ ଉଦ୍ଧାର କରି ଏକ ଘରୋଇ ଗାଡିରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କୈଳାସଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନା ନଂ. ୧୮୦/୨୨ରେ ମାମଲା ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ସ୍କୁଟିକୁ ପୋଲିସ ନିଜ ହେପାଜତକୁ ନେଇଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

### ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ହିଞ୍ଜିଳିକାଟୁ ୩୧।୫(ଡି.ଏନ.ଏ.)-ହିଞ୍ଜିଳିକାଟୁ ମିନିଷ୍ଟାଡିୟମ ପରିସରରେ ଜିଲାସ୍ତରୀୟ ସ୍କୁଲ ଛାତ୍ରୀଛାତ୍ରଙ୍କ କ୍ରୀଡା ପ୍ରତିଭା ଅନେଷଣ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଗଞ୍ଜାମ ଜିଲାର ଆସିକା, ଧରାକୋଟ, ସାନଖେମୁଣ୍ଡି, ସୋରଡ଼ା, କୁକୁଡାଖଣ୍ଡି ଓ ହିଞ୍ଜିଳିକାଟୁ ବ୍ଲକ ଓ ମ୍ୟୁନିସିପାଲଟି ଅଞ୍ଚଳର ଛାତ୍ରୀଛାତ୍ର ମାନେ ଯୋଗ ଦେଇଥିଲେ। ଏଥିରେ ୧୦୧ ଜଣ ବାଳକ ଓ ୨୧ ଜଣ ବାଳିକା ଖେଳାଳି ମୋଟ ୧୨୨ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଘାଟନ କାର୍ଯ୍ୟକ୍ରମ ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀ ଏସ୍ ଗିରିଧରଙ୍କ ତତ୍ତାବଧାନରେ ଆୟୋଜିତ ହୋଇଥିଲା। ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ଅଧକ୍ଷ ସୁବାସ ଚନ୍ଦ୍ର ପଲେଇ ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥି ଭାବେ ଉପାଧକ୍ଷା ସୁଚିତ୍ରା ପଣ୍ଡା ଯୋଗଦେଇ ପତକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ଶିକ୍ଷକ ବାବୁଲା ସ୍ୱାଇଁ, ଭି ଯୁଧିଷ୍ଠିର, ଅମ୍ବିକା ପ୍ରସାଦ ଦାଶ, ଅରୁଣ କୁମାର ସାମନ୍ତ, ଭବାନି ଭୁଷଣ ପଲେଇ, ଜିତେନ୍ଦ୍ର ମହାରଣା, ବିଭୁତି ପଟ୍ଟନାୟକ, ପ୍ରଶନ କୁମାର ସେଠୀ, ରାମଚନ୍ଦ୍ର ବିଷୋୟୀ, ସୁଶାନ୍ତ କୁମାର ପ୍ରଧାନ, ରଘୁନାଥ ସାହୁ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

### ଜିଲାପାଳ ଶୁଣିଲେ ଅଭିଯୋଗ

ଦାରିଙ୍ଗବାଡି,୩୧।୫ (ଡି.ଏନ.ଏ)- ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର କନ୍ଧମାଳ ଜିଲାପାଳଙ୍କ ଦ୍ୱାରା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୯୬ ଅଭିଯୋଗର ଶୁଣାଣି କରି ସମସ୍ୟାର ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୫ଜଣ ଅସହାୟ ରୋଗୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪୦ ହଜାର ଟଙ୍କା ସହାୟତା କରାଯାଇଥିବା ବିଡିଓ ଗଦାଧର ପାତ୍ର କହିଛନ୍ତି। ସିକାବର୍ଗ ଗ୍ରାମ ପଞ୍ଚାୟତରେ ନେଟ୍‌ୱର୍କ ସହ ଜନଜାତି ବିଦ୍ୟାଳୟଗୁଡିକରେ ଶିକ୍ଷକ ଅଭାବର ସମାଧାନ, ଏଏନ୍ଏମ୍ ନିଯୁକ୍ତି, ପ୍ଲିହେରୀ ପଞ୍ଚାୟତ ଅନ୍ତର୍ଗତ ପାଡିବାଡା ଗ୍ରାମକୁ ବିଦ୍ୟୁତ୍ ସଂଯୋଗ, ଦନେକବାରେ ଫୋରଜି ନେଟୱର୍କ ସ୍ଥାପନ, ମୁଣ୍ଡୁରୁମାହାଠାରୁ ଗୁହିବାଡିକୁ ରାସ୍ତା ନିର୍ମାଣ, ବ୍ରାହ୍ମଣୀଗାଁ ମେଡିକାଲରେ ନର୍ସ ନିଯୁକ୍ତି, ବ୍ରାହ୍ମଣୀଗାଁକୁ ଜଳଯୋଗାଣ, ବାଡାବାଙ୍ଗା ପଞ୍ଚାୟତରେ ଚାଲିଥିବା ବସୁଧା ଜଳଯୋଗାଣ ପ୍ରକଳ୍ପ ଶୀଘ୍ର ସମ୍ପୂର୍ଣ୍ଣ କରି ଜଳଯୋଗାଣ ବ୍ୟବସ୍ଥା ସହ ବିଭିନ୍ନ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ସମସ୍ୟା, ନେଟ୍‌ୱର୍କ ସ୍ଥାପନ ସହ ପାନୀୟ ଜଳ ଯୋଗାଣ ଭଳି ସମସ୍ୟା ନେଇ ସାଧାରଣ ଲୋକ ଏବଂ ଲୋକ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣାଣିରେ କନ୍ଧମାଳ ଏସ୍‌ପି ବିନିତ ଅଗ୍ରୱାଲ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ଗଦାଧର ପାତ୍ର, ତହସିଲଦାର ଚାର୍ଲସ ନାୟକ, ସହକାରୀ ଉଦ୍ୟାନ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ମଲିକ, ବ୍ଲକ କୃଷି ଅଧିକାରୀ ବୃନ୍ଦାବନ ବେହେରା, ସିଡିପିଓ ଅଞ୍ଜଳି ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କରୋନା ଯୋଗୁ ଦୁଇବର୍ଷ ଧରି ଜନଶୁଣାଣି କାର୍ଯ୍ୟ ବନ୍ଦ ରହିଥିଲା। ଦୁଇବର୍ଷ ପରେ ପୁଣି ଶୁଣାଣି କାର୍ଯ୍ୟ ହୋଇଥିବାରୁ ଲୋକଙ୍କ ଭିଡ଼ ଜମିଥିଲା।

# ମାଦାଗୁଡ଼ା ଉଚ୍ଚ ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

କୋଟଗଡ଼,୩୧।୫

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ମାଦାଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଓ ଗ୍ରାମବାସୀ ମଙ୍ଗଳବାର ତାଲା ପକାଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ଏପରି କରିଛନ୍ତି । ତୁରନ୍ତ ତାଙ୍କ ବଦଳି ଦାବି କରିଛନ୍ତି ।

ପ୍ରଧାନଶିକ୍ଷୟିତ୍ରୀ ମନମୁଖି କାର୍ଯ୍ୟ କରୁଛନ୍ତି । ସେ ଅନ୍ୟ ଶିକ୍ଷକ ଓ ଅଭିଭାବକଙ୍କୁ ଗାଳିଗୁଲଜ କରିବା ସହ ପିଲାଙ୍କ ନାମ ଲେଖାଇବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଛାତ୍ରୀଛାତ୍ରଙ୍କୁ ଠିକ୍‌ରେ ମଧ୍ୟାହ୍ନଭୋଜନ ଠିକ ସେ ଦେଉନାହାନ୍ତି । ଏଭଳି ଅନେକ ଅଭିଯୋଗ ବ୍ଲକ ଶିକ୍ଷାଧିକାରୀଙ୍କ ପାଖରେ କରାଯାଇଥିଲା। ହେଲେ କିଛି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ବସିଛୁ ବୋଲି ବହୁ ଅଭିଭାବକ କହିଛନ୍ତି। ଅଭିଭାବକ ଏବଂ ଗ୍ରାମବାସୀ ୨୫ ତାରିଖରେ ଦାବିପତ୍ର ଦେଇଥିଲେ । ଜିଲା ଶିକ୍ଷାଧିକାରୀଙ୍କ ସହ କଥା ହୋଇଥିଲି। ପ୍ରଧାନଶିକ୍ଷୟିତ୍ରୀଙ୍କ ନାମରେ ବହୁ ଅଭିଯୋଗ ହୋଇଛି । ଘଟଣା ପରେ ତାଙ୍କୁ ପ୍ରଧାନଶିକ୍ଷୟିତ୍ରୀ ପଦବୀରୁ ଅବ୍ୟାହତି ଦିଆଯାଇ ଅନ୍ୟ ଜଣେ ଶିକ୍ଷକ ଅନିରୁଦ୍ଧ ବାଗଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ଦିଆଯାଇଛି । ଏ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ଦେବି। ସେ ସରକାରଙ୍କୁ ଜଣାଇବେ । ତାହାପରେ ଯାହା ପଦକ୍ଷେପ ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ନିଆଯିବ ବୋଲି କୋଟଗଡ ବ୍ଲକ ଶିକ୍ଷାଧିକାରୀ ଜଗନ୍ନାଥ ସାହୁ ପ୍ରକାଶ କରିଛନ୍ତି ।


ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀ, ଅଭିଭାବକ ଧାରଣାରେ ବସିଛନ୍ତି।

## ଦୁର୍ଗାପ୍ରସାଦଙ୍କ ପାଇଁ ଗଜପତିବାସୀ ଗର୍ବିତ



ପାରଳାଖେମୁଣ୍ଡି,୩୧।୫(ଡି.ଏନ୍.ଏ.)
ସିଭିଲ ସର୍ଭିସ ପରୀକ୍ଷାରେ ୨୦୫ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଥିବା ଦୁର୍ଗାପ୍ରସାଦ ଅଧିକାରୀଙ୍କ ପାଇଁ ଗଜପତିବାସୀ ଗର୍ବ ଅନୁଭବ କରୁଛନ୍ତି। ଦୁର୍ଗାପ୍ରସାଦ ହେଉଛନ୍ତି ପାରଳାଖେମୁଣ୍ଡି ଗୋପିନୀ ସାହିର ମୂଳବାସିନ୍ଦା ତଥା ବ୍ରହ୍ମପୁର ନିବାସୀ ଚଣ୍ଡି ପ୍ରସାଦ ଅଧିକାରୀ ଓ ଜ୍ୟୋସ୍ନାରାଣୀ ଅଧିକାରୀଙ୍କ ପୁଅ। ତାଙ୍କ ଜେଜେ ସ୍ୱର୍ଗତ ସଚ୍ଚିଦାନନ୍ଦ ଅଧିକାରୀ ମଧ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ। ଦୁର୍ଗାପ୍ରସାଦ ବ୍ରହ୍ମପୁର ଗୁରୁ ନାନକ ସ୍କୁଲରେ ଶିକ୍ଷାଲାଭ କରି ୨୦୧୦ରେ ମାଟ୍ରିକ ପାସ କରିଥିଲେ। ଖଲ୍ଲିକୋଟ କଲେଜରୁ ଯୁକ୍ତ ୨ ପାସ କରିବା ପରେ ଭୁବନେଶ୍ୱରସ୍ଥିତ ସିଇଟି କଲେଜରେ ବିଟେକ ପଢିଥିଲେ। ପରେ ସେ ମାରୁତି ସୁଜୁକି ଓ ବୁସ୍ କ ଆଦି କମ୍ପାନୀରେ କାର୍ଯ୍ୟ କରି ୨୦୨୦ରୁ ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ ହେଉଥିଲେ। ଦୁଇଥର ପରୀକ୍ଷା ଦେବା ପରେ ସଫଳତା ମିଳିପାରି ନଥିବା ବେଳେ ତାଙ୍କୁ ତୃତୀୟ ଥର ପରିଶ୍ରମର ଫଳ ମିଳିଛି । ଦୁର୍ଗାପ୍ରସାଦ ତାଙ୍କ ସଫଳତାର ଶ୍ରେୟ ମା' ବାପା ଓ ଗୁରୁଜନଙ୍କୁ ଦେଇଛନ୍ତି। ଲୋକଙ୍କ ସେବାକୁ ସେ ଅଧିକ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

# ୩୮ ଅଧିକାରୀଙ୍କ ବିଭିନ୍ନ ଐତିହାସିକ ପାର୍କ ପରିଦର୍ଶନ

ପୁରୁଷୋତ୍ତମପୁର,୩୧।୫(ଡି.ଏନ.ଏ.)

ଭାରତୀୟ ପ୍ରଶାସନିକ ସେବା ଓ ରୟାଲ ଭୁଟାନ୍ ସିଭିଲ ସର୍ଭିସ୍‌ର ୩୮ ଅଧିକାରୀ ମଙ୍ଗଳବାର ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଗସ୍ତରେ ଆସି ଐତିହାସିକ ଜଉଗଡ଼, ତାରାତାରିଣୀ ଓ କାଳେଶ୍ୱର ମନ୍ଦିର ମଡେଲ୍ ପାର୍କ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସରକାରଙ୍କ ପକ୍ଷରୁ ତାରାତାରିଣୀ ଓ କାଳେଶ୍ୱର ମଡେଲ ପାର୍କରେ ଅତ୍ୟାଧୁନିକ ଶୈଳୀରେ ନିର୍ମାଣ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟମାନ ଦେଖି ଖୁସି ପ୍ରକଟ କରିଥିଲେ। ଓଡ଼ିଶା କ୍ୟାଡରରେ ଥିବା ସୁନ୍ଦରଗଡ଼ର ଡାକ୍ତର ରିନା ପ୍ରଧାନ, ଦିନା ଏବଂ କର୍ନାଟକ କ୍ୟାଡରରେ ଥିବା ଭୁବନେଶ୍ୱରର ଜୁବିନ ମହାପାତ୍ର, ତାମିଲନାଡୁର ଦିବ୍ୟାଙ୍ଗ ଅଧିକାରୀ ଏସ୍. ଗୋକୁଳ ଓ ବିହାର କ୍ୟାଡର ଶୁଭମ୍ କୁମାର ଆଲୋଚନା ବେଳେ କହିଛନ୍ତି, ସେମାନେ ଭାରତ ଦର୍ଶନରେ ଆସିଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ପରିଦର୍ଶନ କରୁଛନ୍ତି। ଏଠାରେ ନିଯୁକ୍ତି ବଡ଼ ସମସ୍ୟା ରହିଛି। ଓଡ଼ିଶାର ବିକାଶ ଲାଗି କୁଟୀର ଶିଳ୍ପ ସହ କାରଖାନାର ଆବଶ୍ୟକତା ରହିଛି। ଏହା ହେଲେ ବହୁତ ବ୍ୟକ୍ତି ଆତ୍ମନିଯୁକ୍ତି ପାଇ ରୋଜଗାରକ୍ଷମ ହୋଇପାରିବେ। ଡାକ୍ତର ରିନା ପ୍ରଧାନ ଓଡ଼ିଶା ମାଟିର ସୁନ୍ଦରଗଡର ହୋଇଥିବା ବେଳେ ସେ ପୂର୍ବରୁ ନବରଙ୍ଗପୁର ମେଡିକାଲରେ ଆସିଷ୍ଟାଣ୍ଟ ସର୍ଜନ ଭାବେ କାର୍ଯ୍ୟ କରୁଥିଲେ। ଓଡ଼ିଶା କ୍ୟାଡରରେ ନିଯୁକ୍ତି ପାଇଥିବାରୁ ଓଡ଼ିଶା ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ଓଡ଼ିଶାର ବିକାଶ ଲାଗି ଆପ୍ରାଣ ଉଦ୍ୟମ କରିବା ପାଇଁ କହିଥିବା ବେଳେ ଭୁବନେଶ୍ୱରର ଜୁବିନ ମହାପାତ୍ର କର୍ନାଟକ କ୍ୟାଡର ପୂର୍ବରୁ ସେ ଆଇପିଏସ୍ ଅଧିକାରୀ ଭାବେ ଦିଲ୍ଲୀରେ କାର୍ଯ୍ୟ କରୁଥିଲେ । ସେ କର୍ନାଟକ କ୍ୟାଡରର ହୋଇଥିଲେ ବି ଏହା ନିଜ ରାଜ୍ୟ ହୋଇଥିବାରୁ ଏହାର ବିକାଶ ଲାଗି ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ବିଡିଓ ବିଜୟ କୁମାର ବେହେରା ଓ ତହସିଲଦାର ନିତିଶ କୁମାର ତ୍ରିପାଠୀ, ଏନ୍ଏସି ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଅଧିକାରୀମାନେ ବିଭିନ୍ନ ସ୍ଥାନକୁ ଯାଇ ସରକାରଙ୍କ ବିଭିନ୍ନ ଯୋଜନାରେ ହୋଇଥିବା ଉନ୍ନତମାନର କାର୍ଯ୍ୟ ଶୈଳୀକୁ ଦେଖିଥିଲେ।


ଐତିହାସିକ ଜଉଗଡଠାରେ ଅଧିକାରୀମାନେ।

# ମିଶନ ଶକ୍ତିର ପ୍ରକଳ୍ପ ଦେଖିଲେ ଯୁଗ୍ମ ନିର୍ଦ୍ଦେଶିକା

## ମହିଳା ସଂଘ ସହ ଆଲୋଚନା

ଛତ୍ରପୁର,୩୧।୫(ଡି.ଏନ.ଏ)

ମସୌରୀ ଠାରେ ଥିବା ଲାଲ୍ ବାହାଦୂର ଶାସ୍ତ୍ରୀ ନ୍ୟାଶନାଲ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ୍‌ର ଯୁଗ୍ମ ନିର୍ଦ୍ଦେଶିକା ରାଧିକା ରସ୍ତୋଗୀ ମଙ୍ଗଳବାର ଗଞ୍ଜାମ ଜିଲାରେ ମିଶନ ଶକ୍ତି ଜରିଆରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ନ୍ୟାଶନାଲ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ୍‌ର ୩୮ଜଣ ଆଇଏଏସ ଓ ରୟାଲ ଭୁଟାନ୍ ସିଭିଲ୍ ସର୍ଭିସେସ୍ ଟ୍ରେନିଂ ଅଫିସରଙ୍କୁ ନେଇ ଯୁଗ୍ମ ନିର୍ଦ୍ଦେଶିକା ସୋମବାର ଗଞ୍ଜାମ ଜିଲା ଗସ୍ତରେ ଆସିଛନ୍ତି। ମଙ୍ଗଳବାର ସେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଡିଆରଡିଏ ପିଡି ସିଦ୍ଧେ ଦତାତ୍ରେୟ ଭାଉସାହେବଙ୍କ ସହ ମିଶନ ଶକ୍ତି ଜରିଆରେ ମହିଳା ସଂଘ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ଦେଖି ତଥ୍ୟ ସଂଗ୍ରହ କରିଛନ୍ତି। ଏଥିସହ ହିତାଧିକାରୀମାନଙ୍କ ସହ କଥା ହୋଇ କିଭଳି ସେମାନେ ଆତ୍ମନିର୍ଭରଶୀଳ ହୋଇଛନ୍ତି ତାହା ପଚାରି ବୁଝିଥିଲେ। ଏଥିସହ ସେ ଖଲ୍ଲିକୋଟ ବ୍ଲକ ଭେଜିପୁଟ୍ ଗାଁରେ ଟେଲରିଂ ୟୁନିଟ୍, ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତରେ ମିଶନ ସୁରଭି, ପ୍ରୋଜେକ୍ଟ ଦେଶୀ, ମାଛ ଚାଷ ୟୁନିଟ୍, ସନ୍ତୋଷପୁର ଗାଁରେ ହୋଇଥିବା ଛତୁ ଫାର୍ମ ୟୁନିଟ୍, କାଇଁଚପୁର ଗାଁର ଛତୁ କ୍ଲଷ୍ଟର, ଛତ୍ରପୁରସ୍ଥିତ ଡିଆରଡିଏରେ ଥିବା ଗଞ୍ଜାମ ହାଟ ରିଟେଲ ଆଉଟଲେଟ୍, ଛତ୍ରପୁର ବ୍ଲକ ଚମାଖଣ୍ଡିର ସେଣ୍ଟ୍ରାଲ ଫୁଡ୍ ପ୍ରୋସେସିଂ ୟୁନିଟ୍, ରଘୁନାଥପୁରର ଡାଏରୀ ଫାର୍ମ ଓ ଛତୁ ଫାର୍ମ ପରିଦର୍ଶନ କରିଛନ୍ତି। ପରେ ବ୍ରହ୍ମପୁରରେ ମିଶନ ଶକ୍ତି ଡାଏରୀ ପ୍ରଡକ୍ଟ ଆଉଟଲେଟ୍, ହରିଡାଖଣ୍ଡି ସ୍ଥିତ ସିଲକ୍ ବୁଣା ୱାର୍କସପ୍ ଓ ବ୍ରହ୍ମପୁର ଆଚାର ୟୁନିଟ୍‌କୁ ଯୁଗ୍ମ ନିର୍ଦ୍ଦେଶିକା ବୁଲି ଦେଖିଥିଲେ।


ଯୁଗ୍ମ ନିର୍ଦ୍ଦେଶିକା ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ସେବା ସୁଶାସନ, ଗରିବ କଲ୍ୟାଣ ପର୍ବ

ଜି.ଉଦୟଗିରି,୩୧।୫(ଡି.ଏନ.ଏ.)

ଜି.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରଠାରେ କେନ୍ଦ୍ର ସରକାରଙ୍କ ସୁଶାସନ ଓ ଗରିବ କଲ୍ୟାଣ ପର୍ବ ଚାଲିଥିବା ଉପଲକ୍ଷେ ଏହାର ସିଧା ପ୍ରସାରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଶ୍ରୀପାଲି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା କିଶାନ ସମ୍ମାନ ନିଧିର ୧୧ କିସ୍ତର ପ୍ରାୟ ୧୦ କୋଟି ଚାଷିଙ୍କୁ ୨୧ ହଜାର କୋଟି ଟଙ୍କା ଦିଆଯିବା ବ୍ୟବସ୍ଥା ରହିଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁମିତ୍ରା ହେମ୍ବ୍ରମ ଏହି ଯୋଜନା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ଭାଜପା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ଜି.ଉଦୟଗିରି ନଗର ସଭାପତି ଉଦେସନ ପ୍ରଧାନ, ମଣ୍ଡଳ ସଭାପତି ମାୟାବନ୍ଧୁ ପ୍ରଧାନ, ସାଧାରଣ ସମ୍ପାଦକ ଭେଙ୍କେଟେଶ୍ୱର ବେହେରାଙ୍କ ସହିତ ବ୍ଲକର ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଏଥିରେ ଚାଷୀଭାଇମାନେ ଉପକୃତ ହୋଇପାରିବେ ବୋଲି ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ ଓ ନଗର ଭାଜପା ସଭାପତି ଉଦ୍ଧେଶନ ପ୍ରଧାନ କହିଥିଲେ।

## ବିଶ୍ୱ ତମାଖୁ ବର୍ଜନ ଦିବସରେ ସଚେତନତା

ଗଞ୍ଜାମ,୩୧।୫(ଡି.ଏନ.ଏ.)

ସାରା ବିଶ୍ୱରେ ତମାଖୁଜନିତ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ତମାଖୁ ଯୋଗୁ କେବଳ ଯେ ସ୍ୱାସ୍ଥ୍ୟଗତ ସମସ୍ୟା ହେଉଛି ତାହା ନୁହେଁ ଏହା ସହ ଆର୍ଥିକ ଓ ସାମାଜିକ ସମସ୍ୟା ମଧ ଗଭୀର ଭାବରେ ପ୍ରଭାବିତ ହୋଇପଡିଛି। ତେଣୁ ଏହି ଅବସରରେ ବିଭିନ୍ନ ସରକାରୀ ଓ ବେସରକାରୀ ତଥା ସାମାଜିକ ଅନୁଷ୍ଠାନ ପକ୍ଷରୁ ନାନା ପ୍ରକାର ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗଞ୍ଜାମ ବ୍ଲକ ତାରିଣୀପଲ୍ଲୀ ଗ୍ରାମର କୁନି ଶିଶୁ ଡି ବ୍ରିଶାଙ୍କ ରେଡ୍ଡୀ ମଧ ଏହି ଦିବସ ଅବସରରେ ସଚେତନତା ସୃଷ୍ଟି କରିଛନ୍ତି। ବ୍ରିଶାଙ୍କ ଅତିସୁନ୍ଦର ଭାବରେ କୁନି କୁନି ଓଠରେ ତମାଖୁକୁ ନ ଖାଇବା ପାଇଁ ନିଜର ବକ୍ତବ୍ୟ ମାଧମରେ ଜନସାଧାରଣଙ୍କୁ ନିବେଦନ କରୁଛନ୍ତି। ବ୍ରିଶାଙ୍କ ବକ୍ତବ୍ୟ ଭିଡିଓ ୟୁ ଟ୍ୟୁବ୍, ଫେସବୁକ୍ ଓ ହ୍ୱାଟସପ୍‌ରେ ବହୁଳ ଭାବରେ ପ୍ରସାରିତ ହେଉଛି। ସେ ବର୍ତ୍ତମାନ ଛତ୍ରପୁରସ୍ଥିତ ବଚପନ୍ ପ୍ଲେ ସ୍କୁଲ୍‌ରେ ୟୁକେଜି ଶ୍ରେଣୀରେ ପଢୁଛନ୍ତି।

# ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ଛତ୍ରପୁର,୩୧।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜଉଗଡ଼ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ଅଭିଯୋଗ ଶୁଣାଣିରେ ମୋଟ ୬୫ଟି ଆବେଦନର ଶୁଣାଣି କରିଥିଲେ। ସେଥିମଧ୍ୟରୁ ପେନସନ ବାବଦକୁ ୨୮, ସ୍ୱାସ୍ଥ୍ୟଗତ ଗୋଟିଏ, ପ୍ରମାଣ ପତ୍ର ବାବଦକୁ ୧୪ଟି, ଜୀବନଜୀବୀକା ବାବଦକୁ ଗୋଟିଏ, ଡିଆର୍‌ଆଇ ଋଣ ବାବଦକୁ ୪ଟି, ଶିକ୍ଷା ସମ୍ପର୍କିତ ୧ଗୋଟିଏ, ପିଡିଏସ ବାବଦକୁ ୪ଟି, ଉପକରଣ ବାବଦକୁ ୧୫ଟି ଓ ଅନ୍ୟାନ୍ୟ ସମସ୍ୟା ବାବଦକୁ ୧ଟି ଆବେଦନ ଗ୍ରହଣ କରାଯାଇଥିଲା। ୯ ଜଣଙ୍କୁ ଉପକରଣ ଯୋଗାଇ ଦିଆଯାଇଥିବା ବେଳେ ୨୬ଟି ଆବେଦନର ଫଇସଲା କରାଯାଇଛି।ପରବର୍ତ୍ତି ପର୍ଯ୍ୟାୟରେ ବଳକା ରହିଥିବା ୩୩ଟି ଆବେଦନର ଶୁଣାଣି ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ଏହାର ତୁରନ୍ତ ସମାଧାନ କରିବା ଦିଗରେ ଜିଲାପାଳ କୁଲାଙ୍ଗେ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଜିଲା ସମାଜ ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାଶ, ଜିଲା ସମାଜ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ସମବାୟ ସମିତି ନିର୍ବାଚନ: ୨୬ ପ୍ରାର୍ଥିପତ୍ର ଦାଖଲ

କାଶୀନଗର,୩୧।୫

ଗଜପତି ଜିଲା କାଶୀନଗର ଏନ୍ଏସିର ପ୍ରାଥମିକ ସମବାୟ ସମିତି ନିମନ୍ତେ ଅନୁଷ୍ଠିତ ନିର୍ବାଚନରେ ୧୫ ଜୋନ ନିମନ୍ତେ ୨୬ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବର୍ତ୍ତମାନ ଏହି ସମିତିରୁ ୧୫ ଜଣ ଡାଇରେକ୍ଟର ନିର୍ବାଚିତ ହେବେ। ଡାଇରେକ୍ଟର ନିର୍ବାଚନ ପରେ ସଭାପତି, ଉପସଭାପତି ନିର୍ବାଚନ ହେବ ବୋଲି ନିର୍ବାଚନ ଅଧିକାରୀ ଏସ୍‌କେ ଜେନା ସୂଚନା ଦେଇଛନ୍ତି। ଏହି ଅବସରରେ ଥାନାଧିକାରୀ ଓ ମାଜିଷ୍ଟ୍ରେଟଙ୍କ ସମେତ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

## ଦୋମୁହାଣୀରେ ୬ ଜଣଙ୍କ ଘରୁ ଚୋରି

ଭଞ୍ଜନଗର,୩୧।୫(ଡି.ଏନ.ଏ.)

ତାରାସିଙ୍ଗି ଥାନା ଦୋମୁହାଣୀ ଗ୍ରାମ ଖଞ୍ଜିରୀ ସାହିରେ ସୋମବାର ରାତିରେ ଚୋରମାନେ ୬ ଜଣଙ୍କ ଘରୁ ଲୁଟ କରିଛନ୍ତି । ସମସ୍ତଙ୍କ ବାରିପଟ କବାଟ ଭାଙ୍ଗି ସେମାନେ ଘରେ ପଶି ୧୦ ତୁଳା ସୁନା ଅଳଙ୍କାର ଓ ଏକ ଲକ୍ଷ ଟଙ୍କା ଚୋରି କରିଛନ୍ତି। ତାରାସିଙ୍ଗି ଏବଂ ଗାଲେରୀ ପୋଲିସ ଘଟଣାର ତଦନ୍ତ କରୁଛି। ସନ୍ୟାସୀ ଗୌଡ଼, କାହ୍ନ ଗୌଡ଼, ଗୌର ପୋଲେଇ, ବୈଷ୍ଣମ ବେହେରା, ସୁନୀଲ ଗୌଡ଼, ସନ୍ତୋଷ ଗୌଡ଼ଙ୍କ ଘରୁ ଚୋରି ହୋଇଛି।

## ବୁଗୁଡ଼ା ପୌର ପରିଷଦର ସାଧାରଣ ବୈଠକ

ବୁଗୁଡ଼ା,୩୧।୫(ଡି.ଏନ.ଏ.)

ବୁଗୁଡ଼ା ପୌର ପରିଷଦର ତୃତୀୟ ସାଧାରଣ ବୈଠକ ମଙ୍ଗଳବାର ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌର ପରିଷଦର ଅଧକ୍ଷ ଚିତ୍ରସେନ ପ୍ରଧାନ ପୌରୋହିତ୍ୟ କରିଥିଲେ। ବୈଠକରେ ଏନ୍ଏସି ଉପାଧକ୍ଷା ଗୀତାଞ୍ଜଳି ପାଢ଼ୀ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ବିଧାୟକ ପ୍ରତିନିଧି କେ. ତ୍ରିଲୋଚନ ଦୋରା ଏବଂ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ପ୍ରଥମେ ଅଧକ୍ଷ ସମସ୍ତଙ୍କୁ ସ୍ୱାଗତ କରିବା ପରେ ଏନ୍ଏସିର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆଲୋଚନା କରିବା ସହ ଏନ୍ଏସିକୁ ଶ୍ରେଷ୍ଠ ଆଦର୍ଶ ଏନ୍ଏସିରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ସକାଶେ ନୂତନ ଗୃହ ଯୋଗାଇବା, ମୁଖ୍ୟ ସଡ଼କରେ ବାକି ଥିବା ଡିଭାଇଡର ନିର୍ମାଣ କରିବା, ବୁଗୁଡ଼ାର ପର୍ଯ୍ୟଟନ ପୀଠ ଶ୍ରୀ ବିରଞ୍ଚି ନାରାୟଣ ଓ ବୁଦ୍ଧଖୋଲର ସୌନ୍ଦର୍ଯ୍ୟକରଣ ଅମୃତ-୨ ଯୋଜନାରେ ବୁଗୁଡ଼ା ସହରକୁ ପାନୀୟ ଜଳ ଯୋଗାଣ ସକାଶେ ବାଘୁଆ ଡ୍ୟାମରୁ ପାଣି ଅଣାଯିବା ପାଇଁ ପଦକ୍ଷେପ ଗ୍ରହଣ କରିବା, ସହରର ବିଭିନ୍ନ ଜନଗହଳି ସ୍ଥାନଗୁଡ଼ିକରେ ଆଦର୍ଶ ଶୌଚାଳୟ ନିର୍ମାଣ କରିବା, ପରିଷଦ ଅନ୍ତର୍ଗତ ବଡ଼ଶଙ୍ଖ ଓ ନେଳିଆବନ୍ଧ ନିକଟସ୍ଥ ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟରେ ଶ୍ମଶାନକୁ ଆଦର୍ଶ ଶ୍ମଶାନରେ ପରିଣତ କରିବା ସକାଶେ ନିର୍ଦ୍ଧାରଣ କରାଯାଇ ତୁରନ୍ତ କାର୍ଯ୍ୟକାରୀ କରିବା ସକାଶେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ ଏନ୍ଏସି କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଧରାକୋଟ ପଞ୍ଚାୟତ ସମିତିର ବୈଠକ




ଧରାକୋଟ,୩୧।୫(ଡି.ଏନ୍.ଏ.)

ଧରାକୋଟ ପଞ୍ଚାୟତ ସମିତିର ପ୍ରଥମ ବୈଠକ ମଙ୍ଗଳବାର ବ୍ଲକ ସଭାଗୃହରେ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷ ମନୋଜ କୁମାର ସାହୁ, ଜିଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ଟୁକୁନା ଗୌଡ, ବିଡିଓ ଡେନିସ ବେହେରା, ଅତିରିକ୍ତ ବିଡିଓ ସୁଶୀଲ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ, ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ପିଇବା ପାଣି ଓ ସ୍ୱଚ୍ଛତା ଓ ପରିମଳ ଉପରେ ଆଲୋଚନା ହୋଇଥିଲା। ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରତି ପଞ୍ଚାୟତରେ ଦୁଇରୁ ତିନି ଗୋଟି ନଳକୂପ ଖୋଳାଯିବା ସହ ପ୍ରକାଶ କରିଥିଲେ। ସେହିପରି ୫୨ ରାଜସ୍ୱ ଗ୍ରାମରେ ୧୪୩ ସୌରଶକ୍ତି ଚାଳିତ ପିଇବା ପାଣି ପ୍ରକଳ୍ପ ଆରମ୍ଭ ହୋଇଛି। ସେହିପରି ବିଭାଗୀୟ କନିଷ୍ଠଯନ୍ତ୍ରୀ ଚିନ୍ମୟୀ ରାଉତ ୨୦୨୪ରେ ସମସ୍ତ ପଞ୍ଚାୟତରେ କଠିନ ଓ ତରଳ ବୈଜ୍ୟବସ୍ତୁର ଠିକ ପରିଚାଳନା ପାଇଁ କାର୍ଯ୍ୟକ୍ରମ ରହିଥିବାବେଳେ ସେଥିରୁ ପ୍ରଥମ ପର୍ଯ୍ୟାୟରେ ମୁଣ୍ଡମରାଇ, ଜାହାଡା ଓ ମାଣିକପୁର ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାର ସୂଚନା ଦେଇଥିଲେ। ସ୍ୱଚ୍ଛଭାରତ ମିଶନ କାର୍ଯ୍ୟକ୍ରମକୁ ଶୀଘ୍ର ସମସ୍ତ ପଞ୍ଚାୟତରେ କାର୍ଯ୍ୟକାରୀ କରାଯିବାର ସୂଚନା ଦେଇଥିଲେ। ବୈଠକରେ ସମସ୍ତ ବ୍ଲକ ସ୍ତରର ସମସ୍ତ ବିଭାଗର ପଦାଧିକାରୀଙ୍କ ସମେତ ଓ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଏବଂ ବ୍ଲକ କର୍ମଚାରୀମାନେ ଉପରିସ୍ଥ ଥିଲେ।

# ମାଓବାଦୀପ୍ରବଣ ଅଞ୍ଚଳରେ ବିଧାୟକ, ବିଡିଓ, ସରପଞ୍ଚ

ଦାରିଙ୍ଗବାଡ଼ି, ୩୧।୫ (ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ତଥା ମାଓବାଦୀ ଉପଦ୍ରବ ଗଡ଼ାପାକାଲି ଅଞ୍ଚଳରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କ ସମେତ ବିଡିଓ ଗଦାଧର ପାତ୍ର, ପ୍ଲିହେରୀ ସରପଞ୍ଚ ପାଉଲ ପ୍ରଧାନ ଗ୍ରାମ ଲୋକଙ୍କୁ ଭେଟିଛନ୍ତି। ଆଜି ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳକୁ ସବୁଦିନିଆ ଭଲ ରାସ୍ତାଟିଏ ନଥିବା ବେଳେ ପିଇବା ପାଣିର ସମସ୍ୟା ଲାଗି ରହିଛି। ବିଦ୍ୟୁତ୍ ଆଲୁଅ ସାତସପନ ହୋଇ ରହିଛି । ସେହିପରି ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ନ କହିବା ଭଲ। ସେଠାରେ ନା ବିଦ୍ୟାଳୟର ବିକାଶ ହୋଇପାରିଛି ନା ଶ୍ରେଣୀ କୋଠା ନିର୍ମାଣ ହୋଇଛି। ସେଠାକାର ଅନୁସୂଚିତ ଜନଜାତି ଲୋକଙ୍କ ବିକାଶ ଅପହଞ୍ଚ ହୋଇରହିଛି। ମାଓବାଦୀ ଆଳ ଦେଖାଇ କୌଣସି ଶିକ୍ଷା ଅଧିକାରୀ କିମ୍ବା ବ୍ଲକ ପ୍ରଶାସନ ସେହି ସ୍ଥାନକୁ ଯାଉନଥିଲେ। ପାଦଚଲା ପାହାଡ଼ ରାସ୍ତା ସହ ନଦୀ, ନାଳ ରହିଥିବାରୁ ସେଠାକୁ କେହି ଯିବାକୁ ଅମଙ୍ଗ । ତେବେ ଉକ୍ତ ଅପହଞ୍ଚ ଇଲାକାର ଏବେ ବିକାଶ କରାଯିବା ପାଇଁ ଖୋଦ୍ ବିଧାୟକ ସାଲୁଗା ପ୍ରଧାନ ଏବଂ ବିଡିଓ ଗଦାଧର ପାତ୍ର ନିଷ୍ପତ୍ତି ନେଇ ରବିବାର ଉକ୍ତ ଗଡ଼ାପାକାଲି ଗ୍ରାମକୁ ଯାଇ ସାଧାରଣ ଲୋକଙ୍କୁ ଭେଟିଛନ୍ତି। ସେଠାକାର ଲୋକ ବିଧାୟକ, ବିଡିଓ, ସରପଞ୍ଚ, ୱାର୍ଡସଭ୍ୟଙ୍କୁ ନିକଟରେ ପାଇ ସେମାନଙ୍କର ବହୁ ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି। ସେହିପରି ବିଧାୟକ ଏବଂ ଟିମ୍ ପ୍ଲିହେରୀ ପଞ୍ଚାୟତର ସୁଲୁମାହା, ଲମ୍ବାବାନ୍ଦା ଆଦି ଦୁର୍ଗମ ଗ୍ରାମ ବୁଲି ଦେଖିଛନ୍ତି। ପ୍ରାୟ ୧୦ କି.ମି ପାହାଡ଼ ଅତିକ୍ରମ କରିଥିବା ବିଡିଓ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଗଡ଼ାପାକାଲି ଅଞ୍ଚଳ ବହୁ ଚର୍ଚ୍ଚିତ ୨୦୧୨ ମାର୍ଚ୍ଚ ୧୪ରେ ଉକ୍ତ ଜଙ୍ଗଲରେ ଦୁଇଜଣ ଇଟାଲୀୟ ନାଗରିକ ବାସୁସ୍କ ପାଉଲ ଏବଂ କ୍ଲାଉଡିଓ କୋଲାଞ୍ଜିଲୋ ଜଙ୍ଗଲରେ ଟ୍ରାକିଂ କରୁଥିବା ସମୟରେ ମାଓବାଦୀମାନେ ଅପହରଣ କରିନେବା ସହ ସେମାନଙ୍କୁ ଛାଡ଼ିବା ପାଇଁ ବିଭିନ୍ନ ସର୍ତ୍ତ ରଖିଥିଲେ । ପରେ ସରକାର ସେମାନଙ୍କ ସର୍ତ୍ତକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଦୁଇ ଇଟାଲୀୟ ନାଗରିକଙ୍କୁ ମାଓବାଦୀମାନେ ମୁକ୍ତ କରିଥିଲେ । ତା' ପୂର୍ବରୁ ଉକ୍ତ ଅଞ୍ଚଳର ବିକାଶ ହୋଇନଥିଲା କି ଏବେ ମଧ ଉକ୍ତ ଅଞ୍ଚଳକୁ ମାଓବାଦୀଙ୍କ ଭୟରେ କୌଣସି ଅଧିକାରୀ କିମ୍ବା ଲୋକ ପ୍ରତିନିଧିମାନେ ଯିବାକୁ ଇଚ୍ଛା କରୁନଥିଲେ। ଏବେ ମାଓବାଦୀଙ୍କ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ ଉକ୍ତ ଅଞ୍ଚଳରେ ହ୍ରାସ ପାଇଛି।


ବିଧାୟକ ସାଲୁଗା ପ୍ରଧାନ, ବିଡିଓ ଗଦାଧର ପାତ୍ର ଲୋକଙ୍କ ସମସ୍ୟା ବୁଝୁଛନ୍ତି ।

